## ପ୍ରାକ-ଗର୍ଭାବସ୍ଥା ଓ ଗର୍ଭସ୍ଥ ଶିଶୁର ଲିଙ୍ଗ ନିରୁପଣ ( PC &PNDT ) ଆଇନ୍ ସମ୍ପର୍କୀତ ଜିଲ୍ଲା ସ୍ତରୀୟ ପରାମର୍ଶଦାତା କମିଟୀ ବୈଠକ ।

### ସ୍ୱେଛାସେବୀମାନଂକ ଦ୍ୱାରା ବିଭିନ୍ନ କ୍ଲିନିକରେ ଷ୍ଟିଂଗ୍ ଅପରେସନ କରାଯିବ ।

### District Advisory committee and District Task Force meeting on PC &PNDT.

ଅନୁଗୋଳ ଜିଲ୍ଲାରେ ଚାଲୁଥିବା ୧୪ଟି ଅଲଟ୍ରାସାଉଣ୍ଡ କ୍ଲିନିକ୍ ଓ ନିର୍ସିଂହୋମ ଗୁଡିକରେ ପି ଏନ୍ ଡି ଟି ଆଇନକୁ କଡାକଡି ପାଳନ କରିବା ନିମନ୍ତେ ଗତକାଲି ଅପରାହ୍ନରେ ଜିଲ୍ଲାପାଳ ଶ୍ରୀ ମନୋଜ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ତାଂଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଏକ ଜିଲ୍ଲାସ୍ତରୀୟ ପରାମର୍ଶଦାତା କମିଟୀ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ତପନ କୁମାର ଶତପଥି ଓ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଶ୍ରୀ ଯଦୁନାଥ ହାଁସଦା ପ୍ରମୁଖ ଯୋଗ ଦେଇଥିଲେ । ପ୍ରାରମ୍ଭରେ ପି ସି ଆଣ୍ଡ ପି ଏନ୍ ଡି ଟିର ସହକାରୀ ପରିଚାଳକ ଶ୍ରୀ ପର୍ଶୁରାମ ପଣ୍ଡା ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ । ଜିଲ୍ଲାରେ କନ୍ୟା ଭ୍ରୁଣ ହତ୍ୟାକୁ ନିୟନ୍ତ୍ରଣ କରିବା ନିମନ୍ତେ ଶିଶୁ କନ୍ୟାମାନଂକର ଗୁରୁତ୍ୱକୁ ନେଇ ବ୍ୟାପକ ସଚେତନତା ସୃଷ୍ଟି ଉପରେ ଜିଲ୍ଲାପାଳ ଗୁରୁତ୍ୱାରୋପ କରିଥିଲେ । ଅନୁଗୋଳ ଜିଲ୍ଲାରେ ଅଲଟ୍ରାସାଉଣ୍ଡ ମେସିନ୍ ଯୋଗାଣକାରୀ ସଂସ୍ଥାଗୁଡିକ ତାଂକର କିଣା ବିକାର ବିସ୍ତୃତ ବିବରଣୀ ପ୍ରଦାନ ନ କଲେ ସେମାନଂକୁ ଜିଲ୍ଲା ଭିତରେ ମେସିନ୍ ବିକ୍ରୟ କରିବାକୁ ଦିଆଯିବ ନାହିଁ ବୋଲି ଜିଲ୍ଲାପାଳ ପ୍ରକାଶ କରିଛନ୍ତି ।

ବିଗତ ବର୍ଷ ତୁଳନାରେ ଜନ୍ମଗ୍ରହଣ କରିଥିବା ଶିଶୁକନ୍ୟାମାନଂକର ଲିଂଗ ଅନୁପାତରେ ବୃଦ୍ଧି ହୋଇଛି । ବିଭିନ୍ନ ସବ୍ ସେଣ୍ଟର ଚିକିତ୍ସାଳୟ ତଥ୍ୟ ଅନୁଯାୟୀ ଚଳିତ ବର୍ଷ ଜୁଲାଇ ମାସ ସୁଦ୍ଧା ଶିଶୁକନ୍ୟାମାନଂକ ସଂଖ୍ୟା ଅନୁପାତ ୯୪୪ ରେ ପହଂଚିଥିବାବେଳେ ଗତବର୍ଷ ଏହା ୯୧୧ରେ ଥିଲା । ବର୍ତ୍ତମାନର ଲିଙ୍ଗ ଅନୁପାତର ସ୍ଥିତି ସମ୍ପର୍କରେ ସମସ୍ତ ଘରୋଇ ପଂଜିକୃତ କ୍ଲିନିକ୍ ଗୁଡିକ ପ୍ରତି ମାସ ଶେଷରେ ପ୍ରସବ ବିବରଣୀ ସମ୍ପୃକ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପ୍ରଦାନ କରିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି । ବେଆଇନ୍ ଲିଙ୍ଗ ନିରୁପଣ ଓ ବିନା କାଗଜପତ୍ରରେ ଯେଉଁ ଅଲଟ୍ରାସାଉଣ୍ଡ କ୍ଲିନିକ୍ ଏହି କାର୍ଯ୍ୟ କରୁଥିବେ ସେମାନଂକ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲ୍ଲାପାଳ ଚେତାବନୀ ଦେଇଛନ୍ତି । ଜିଲ୍ଲାରେ ଆବଶ୍ୟକତାକୁ ଦୃଷ୍ଟିରେ ରଖି ନୂତନ ଅଲଟ୍ରାସାଉଣ୍ଡ କ୍ଲିନିକ୍ ପଂଜିକରଣ ଓ ନିୟୋଜିତ ଡାକ୍ତରଂକ ଅଭିଜ୍ଞତା ଭିତ୍ତିରେ ଅନୁମତି ଦିଆଯିବ ବୋଲି ଜିଲ୍ଲାପାଳ ପ୍ରକାଶ କରିଛନ୍ତି । ଏଣିକି କ୍ଲିନିକାଲ ଏଷ୍ଟାବ୍ଲିସମେଣ୍ଟ ପାଇଁ ଆବେଦନ କରୁଥିବା ଅଲଟ୍ରାସାଉଣ୍ଡର ଗୃହ ଗୁଡିକରେ ଆବଶ୍ୟକ ସ୍ଥାନ ସହ ଅଗ୍ନି ନିର୍ବାପକ ବ୍ୟବସ୍ଥା ବାଧ୍ୟତାମୂଳକ ଭାବେ କାର୍ଯ୍ୟକାରୀ କରିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି । ଅକ୍ଟୋବର ୧୧ ତାରିଖରେ ଜିଲ୍ଲାରେ ପାଳନ ହେବାକୁ ଥିବା ଆନ୍ତର୍ଜାତିକ ଶିଶୁ କନ୍ୟା ଦିବସ ଉପଲକ୍ଷେ

ଜିଲ୍ଲାର ୫ ଜଣ ଝିଅ ଯେଉଁମାନେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଆଇକନ୍ ସାଜିଥିବେ ସେମାନଙ୍କୁ ସମ୍ବର୍ଦ୍ଧିତ କରାଯିବା ପାଇଁ ବୈଠକରେ ସ୍ଥିର କରାଗଲା । ପ୍ରତ୍ୟେକ ମାସରେ ଅତି କମ୍‌ରେ ୨ଟି ଅତର୍କିତ ଚଢାଉ କରିବାକୁ ଜିଲ୍ଲାପାଳ କମିଟିର କର୍ମକର୍ତ୍ତାଙ୍କୁ ପରାମର୍ଶ ଦେଇଛନ୍ତି । ଆଶା ଓ ଅଙ୍ଗନୱାଡି କର୍ମୀମାନେ ଶତ ପ୍ରତିଶତ ପ୍ରାଥମିକ ଅବସ୍ଥାରେ ଗର୍ଭ ପଂଜିକରଣ ନିମନ୍ତେ ପ୍ରବର୍ତ୍ତାଇବା ସହ ଏହାର ସଠିକ୍ ତଥ୍ୟ କମିଟିକୁ ପ୍ରଦାନ କରିବାକୁ ପରାମର୍ଶ ଦିଆଯାଇଛି । ବୈଠକର ପ୍ରାରମ୍ଭରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡ. ପ୍ରତାପ କୁମାର ବେହେରା ସମସ୍ତଙ୍କୁ ସ୍ୱାଗତ ଜଣାଇବା ସହ ବୈଠକର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଏ ଡି ଏମ୍ ଓ (ମେଡିକାଲ) ଡା.ଲକ୍ଷ୍ମୀ ନାରାୟଣ ବିଶୋଇ,ଜିଲ୍ଲା ଯକ୍ଷ୍ମା ନିରାକରଣ ଅଧିକାରୀ ଡା.ତ୍ରିଲୋଚନ ପ୍ରଧାନ,ସରକାରୀ ଓକିଲ ଶ୍ରୀ ପ୍ରଦିପ ଦାସ,ବିଶ୍ୱ ଯୁବ କେନ୍ଦ୍ରର ଶ୍ରୀ ମନୋଜ କୁମାର ମହାପାତ୍ର, ଅନୁଗୋଳ ପୌରପାଳିକାର ପୂର୍ବତନ ଅଧ୍ୟକ୍ଷ ଶ୍ରୀମତୀ ସୁକାନ୍ତି ଦାସ, ସ୍ୱେଚ୍ଛାସେବୀ ଶ୍ରୀ ପର୍ଶୁରାମ ଦାସ ଓ ଜ୍ୟୋର୍ତିମୟୀ ଦେହୁରୀଙ୍କ ସମେତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର କର୍ମକର୍ତ୍ତାମାନେ ଯୋଗ ଦେଇଥିଲେ ।

